# Akashvani, Sambalpur

## SAMBALPURI NEWS EVENING BULLETIN

## 29 December 2024- 7.02 pm- 7.12 pm.

*********************************************

୧- 'ସମ୍ବିଧାନ୍ ହେଉଛେ ଦେଶର୍ ମାର୍ଗଦର୍ଶକ୍' ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ କହେଲେ ପ୍ରଧାନ୍‌ମନ୍ତ୍ରୀ ।

- କଲାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ର ଚାଷୀଙ୍କର୍ କଲେ ପ୍ରଶଂସା ।

୨- ସମ୍ବଲ୍‌ପୁର୍ ଠାନେ 'ଦ ସାଗା ଅଫ୍ କୁଦୋପାଲି - ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭' ବହିକେ ଉନ୍ମୋଚନ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ବର୍‌ଗଡ୍ ଧନୁଯାତ୍ରାର୍ ଲାଗି ପ୍ରୋତ୍ସାହନ୍ ଟଙ୍କା ୧ କୋଟିକେ ବଢ଼ାଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ରୁ ଆଏଜ୍ ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାନେ ଚାଲିଛେ ୨ ଟା ମେଚ୍ ।

ମନ୍ କି ବାତ୍          ଆର୍ଏନ୍ୟୁ/ କଟକ୍

ସମ୍ବିଧାନ୍ ହେଉଛେ ଦେଶର୍ ମାର୍ଗଦର୍ଶକ୍ । ଆଏବା ଜାନୁଆରୀ ୨୬ ତାରିଖ୍ ଆମର୍ ସମ୍ବିଧାନ୍ ୭୫ ବଛର୍ ପୁରା କର୍‌ବାର୍‌କେ ଯାଉଛେ । ଇଟା ସମସ୍ତଙ୍କର୍ ଲାଗି ଗୁଟେ ଗୌରବ୍‌ର ବିଷେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ସମ୍ବୋଧନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସମ୍ବିଧାନ୍‌ର ପରମ୍ପରା ସହେତେ ସାଧାରଣ୍ ଲୁକ୍‌କୁ ଜୁଡ଼୍‌ବାର୍ ଲାଗି ଗୁଟେ ଖାସ୍ ୱେବ୍‌ସାଇଟ୍ constitution75.com ର ପ୍ରଚଲନ୍ କରାଯାଇଛେ । ଇ ୱେବ୍‌ସାଇଟ୍ ଜରିଏ ସମ୍ବିଧାନ୍‌କେ ପଢ଼୍‌ବାର୍ ସଙ୍ଗେ ନିଜର୍ ଭିଡ଼ିଓ ରେକଡ଼ିଂ ଭିଲ୍ ଅପ୍‌ଲୋଡ୍ କରାଯାଇପାର୍‌ବା ।

ପ୍ରଧାନ୍‌ମନ୍ତ୍ରୀ ପ୍ରୟାଗ୍‌ରାଜ୍‌ଠାନେ ଆଏବା ୧୩ ତାରିଖ୍‌ନୁ ହେବାର୍‌କେ ଥିବା ମହାକୁମ୍ଭ ମେଲା ବିଷେ ଆଲୋଚନା କରିକରି କହିଛନ୍ ମହାକୁମ୍ଭ ଖାଲି ଗୁଟେ ବୃହତ୍ ସମାଗମ୍ ନୁହେଁ । ଇଟା ଦେଶର୍ ବିବିଧତାକେ ଦର୍ଶଉଛେ । ପହେଲା କରି ଇ ବଛର୍ କୁମ୍ଭମେଲା ନ କୃତ୍ରିମ ବୁଦ୍ଧମତା-ଏଆଇ ଚାଟବଟ୍‌ର ବେଭାର୍ ହେବା ।

ଭାରତୀୟ ଆନିମେସନ୍ ଫିଲ୍ମ, ନିୟମିତ ଚଳଚ୍ଚିତ୍ର ଆର୍ ଟିଭି ଧାରାବାହିକ୍‌ର ଲୋକପ୍ରିୟତା ଦେଶର୍ ସୃଜନ୍ ଉଦ୍ୟମ୍‌କେ

ଦର୍ଶଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଆନିମେସନ୍ ସିରିଜ୍ ମାନେ ଛୁଆମାନ୍‌କର୍ ଉପ୍‌ରେ ସକାରାତ୍ମକ ପ୍ରଭାବ୍ ପକଉଛେ ।

ଚଲଚ୍ଚିତ୍ର ଶିଳ୍ପ ଦେଶର୍ ଅର୍ଥନୀତିକେ ତ୍ୱରାନ୍ୱିତ କର୍‌ବାର୍‌ଥି ସହାୟକ ହେଉଛେ । ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ ର ଭାବ୍‌ନାକେ ଚଲଚ୍ଚିତ୍ର ଜଗତ୍ ବର୍‌କସ୍ କରିପାରିଛେ ବଲି ଶ୍ରୀ ମୋଦୀ କହିଛନ୍ ।

ଆଏବା ବଛର୍ ଦେଶେ ପହେଲାଥର୍ ଲାଗି ବିଶ୍ୱ ଅଡ଼ିଓ ଭିଜୁଆଲ୍ ମନୋରଞ୍ଜନ୍ ଶୀଖର୍ ସମ୍ମିଲନୀ ଆୟୋଜିତ୍ ହେବାର୍‌କେ ଯାଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସ୍ୱାସ୍ଥ୍ୟକ୍ଷେତ୍ରଥି ପ୍ରଧାନ୍‌ମନ୍ତ୍ରୀ ୨ ଟା ବଡ଼୍ ଉପଲବ୍ଧି ବାବ୍‌ଦେ ଜନେଇଛନ୍ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ରିପୋର୍ଟ ଅନ୍‌ସାରେ ୨୦୧୫ ନୁ ୨୦୨୩ ଭିତ୍‌ରେ ଭାରତ୍ ନ ମେଲେରିଆ ରୋଗୀ ଆର୍ ସେଥିର୍‌ଲାଗି ହେଉଥିବା ମୃତ୍ୟୁ ସଂଖ୍ୟା ୮୦ ପ୍ରତିଶତ୍ କମିଛେ । ଇଟା ଗୁଟେ ବହୁତ୍ ବଡ଼୍ ସଫଲତା । ଭାରତ୍ ନ ଠିକ୍ ସମିଆଥି କର୍କଟ ଚିକିତ୍ସା ମୁଲ୍ ହେବାର୍ ସମ୍ଭାବନା ବଢ଼ିଛେ । ଇଥି ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଗୁଟେ ବଡ଼୍ ଭୂମିକା ନେଉଛେ । ୯୦ ପ୍ରତିଶତ୍ କର୍କଟ ରୋଗୀ ଇ ଯୋଜ୍‌ନା ଜରିଏ ଠିକ୍ ସମିଆଥି ଚିକିତ୍ସା ସୁବିଧା ପାଇପାରୁଛନ୍ । ଯେନ୍‌ଥିର୍ ଲାଗି କର୍କଟ ଚିକିତ୍ସାଥି ଆର୍ଥିକ୍ ସମସ୍ୟା ଭିଲ୍ ବହୁତ୍ ପରିମାଣ୍‌ଥି କମିଯାଇଛେ ।

(ଭଏସ୍ ଓଭର୍-୧- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ କଲାହାଣ୍ଡି ଜିଲ୍ଲାର୍ ଗୋଲାମୁଣ୍ଡା ବ୍ଲକ୍‌ର ଚାଷୀମାନ୍‌କର୍ ପ୍ରଶଂସା କରିକରି କହିଛନ୍, ଇ ଚାଷୀମାନେ କମ୍ ପାଏନ୍ ବେଭାର୍‌ଥି ସଫଲତାର୍ ସହେତେ ଚାଷ୍ କରିକରି ପରିବା ଉତ୍ପାଦନ୍ କ୍ଷେତ୍ରଥି ବିପ୍ଳବ୍ ଆନିଛନ୍ ।

ଗୋଲାମୁଣ୍ଡାର୍ ୧୦ ଝନ୍ ଚାଷୀଙ୍କର୍ ଗୁଟେ ଗୋଷ୍ଠୀ କୃଷକ୍ ଉତ୍ପାଦକ ସଂଘ ନାଁଥି ଗୁଟେ ସଂଗଠନ୍ ଥାପ୍‌ନା କରିକରି ପରିବା ଚାଷ୍‌ଥି ଆଧୁନିକ୍ ଜ୍ଞାନ୍ କୌଶଲ୍‌ର ବେଭାର୍ ମୁଲ୍ କରିଥିଲେ । ଇ ସଂଘ ଆଏଜ୍ ବହୁକୋଟି ଟଙ୍କାର୍ ବ୍ୟବସାୟଥି ବଦ୍‌ଲିଛେ । ୪୫ ଝନ୍ ମହିଲା କୃଷକଙ୍କର୍ ସହେତେ ୨ ଶହ ନୁ ଅଏତ୍‌କା ଚାଷୀ ଇ ସଂଘ ସାଙ୍ଗେ ଜୁଡ଼ିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଆଏବା ବଛର୍ ଭାରତ୍ ସଫଲତାର୍ ନୂଆଁ ଶିଖର୍‌କେ ଛୁଇଁବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଗୋଲାମୁଣ୍ଡା ଚାଷୀଙ୍କର୍ ପ୍ରଶଂସା କର୍‌ବାର୍ ଉତ୍‌ରୁ କୃଷକ୍ ଉତ୍ପାଦକ ସଂଘର ଚାଷୀ କୃଷ୍ଣଚନ୍ଦ୍ର ନାଗ ଆକାଶ୍‌ବାଣୀକେ କହିଛନ୍..

(ଭଏସ୍ ଓଭର୍- ୨ -କୃଷକ୍ ଉତ୍ପାଦକ ସଂଘ)

ମୁଖ୍ୟମନ୍ତ୍ରୀ -ଫସଲ୍ ହାନୀ ସମୀକ୍ଷା

ଆର୍‌ଏନ୍‌ୟୁ/ କଟକ୍/ ନୟାଗଡ଼୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ରାଜ୍ୟର୍ ଭିନ୍ ଭିନ୍ ଜାଗା ଗସ୍ତ କରିକରି ଆଏଜ୍ ଅଦିନିଆ ବର୍ଷାଥି ହେଇଥିବା ନୁକ୍‌ସାନ୍‌ର ସମୀକ୍ଷା କରିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏଜ୍ ନୟାଗଡ଼୍ ଜିଲ୍ଲା ରଣ୍‌ପୁର୍ ଗସ୍ତ କରିକରି ଅଦିନିଆ ବର୍ଷାଥି ହେଇଥିବା ଫସଲ୍ ନୁକ୍‌ସାନ୍‌ର ସମୀକ୍ଷା କରିଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ କାଣ୍ଡପଡ଼ା ଆର୍ ମଝିଆପଡ଼ା ପଂଚାୟତ୍‌ର ଚାଷୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆର୍ ବାଚସ୍ପତି ସୁରମା ପାଢ଼ୀ ଭିଲ୍ ଉପସ୍ଥିତ୍ ଥିଲେ ।

ସେଆଡ଼େ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କଟକ୍ ଜିଲ୍ଲା ନିଆଳି ବ୍ଲକ୍‌ର ଜଲ୍‌ହାର୍‌ପୁର୍ ପଂଚାୟତ୍‌ର ଷୋଳମୁଙ୍ଗା ଠାନେ ଫସଲ୍ ନୁକ୍‌ସାନ୍‌ର ସମୀକ୍ଷା କରିକରି ଚାଷୀ ଆର୍ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଲ୍ ଆଏଜ୍ ଭଦ୍ରକ୍ ଜିଲ୍ଲାକେ ଯାଇକରି ଫସଲ୍ ନୁକ୍‌ସାନ୍‌ର ତଦାରଖ୍ କରିଛନ୍ । ଇତାର୍ ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ ବନ୍ତ ବ୍ଲକ୍‌ର କେତେଟା ଜାଗା ଯାଇକରି ଥିତିର୍ ଅନୁଧ୍ୟାନ୍ କର୍‌ବାର୍ ସହେତେ ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇଥିଲେ । ନୁକ୍‌ସାନ୍‌ର ତୁର୍‌ତି ଆକଲନ୍ କରିକରି ରିପୋର୍ଟ

ଦେବାର୍‌କେ ଜିଲ୍ଲା ପ୍ରଶାସନ୍‌କେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ୍ ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଫସଲ୍‌ର ନୁକ୍‌ସାନ୍‌ର ଆକଲନ୍ ସର୍‌ଲା ଉତ୍‌ରୁ ଭର୍‌ନା ଦେବାର୍ ଲାଗି ରାଜ୍ୟ ସର୍‌କାର୍ ଘୋଷ୍‌ନା କରିଛନ୍ ।

ପୁସ୍ତକ ଉନ୍ମୋଚନ ସମ୍ବଲପୁର୍ ସମ୍ବାଦଦାତା

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ -ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ ତର୍‌ଫୁ ପ୍ରକାଶିତ 'ଦି ସାଗା ଅଫ୍ କୁଦୋପାଲି- ଦି ଅନ୍‌ସଙ୍ଗ୍ ଷ୍ଟୋରୀ ଅଫ୍ ୧୮୫୭' ବହିକେ ଉନ୍ମୋଚନ୍ କରିଛନ୍ । ଇ ଉଧେ ସମ୍ବଲପୁର ତପସ୍ୱିନୀ ହଲ୍‌ଠାନେ ଆଏଜ୍ ଉପର୍‌ବେଲା ହେଇଥିବା ଗୁଟେ ସମାରୋହଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ସମ୍ବଲ୍‌ପୁର୍ ଆର୍ କୁଦୋପାଲି ମାଟି ନ କିଛି ତତ୍ତ୍ୱ ଅଛେ ଯେନ୍‌ଟାକି ବଲିଦାନ୍ ଲାଗି ତହଁକଉଛେ । ୩୦ ଡିସେମ୍ବର୍ ୧୮୫୭ ମସିହାଥି କୁଦୋପାଲି ଘାଟି ଉପ୍‌ରେ ଇଂରେଜ୍‌ମାନେ ଅତର୍କିତ୍ ଆକ୍ରମଣ୍ କରିଥିଲେ । ସେଦିନ ରଣଭୂମି କୁଦୋପାଲି ଘାଟି ନ ସାମ୍ନା ସାମ୍ନି ହେଇଥିବା ଲଢ଼େଇଥି ବୀର ସୁରେନ୍ଦ୍ର ସାଏଙ୍କର୍ ଭାଇ ଛବଳି ସାଏଙ୍କର୍ ସହେତେ ୩୫ ଝନ୍ ବୀର ସଂଗ୍ରାମୀ ଶହୀଦ୍ ହେଇଥିଲେ । ୧୧ ଝନ୍ ସଂଗ୍ରାମୀ ଗିରଫ୍ ହେଇଥିଲେ ଆର୍ ୪ ଝନ୍‌କୁ ଇଂରେଜ୍ ସର୍‌କାର୍ ଫାଶୀ ଦେଇଥିଲେ । ଇଥି ମୋଟ୍ ୫୭ ଝନ୍ ଶହୀଦ୍ ହେଇଥିଲେ ।

କୁଦୋପାଲିର୍ ଇ ବଲିଦାନ୍‌ର ଗାଥା 'ଦି ସାଗା ଅଫ୍ କୁଦୋପାଲି' ବହିଥି ଉଲେଖ୍ ରହିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ସମାରୋହଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଆଇଆଇଏମ୍ ସମ୍ବଲ୍‌ପୁର୍ ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଜୟସ୍ୱାଲ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ୍ ମିଶ୍ର, ଉତରାଂଚଲ୍ ରାଜସ୍ୱ କମିଶନର୍, ସମ୍ବଲପୁର ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ ଆର୍ ବହୁତ୍ ସିଆନ୍ ସୁଜନ୍ ଉପସ୍ଥିତ୍ ଥିଲେ ।

ଧନୁଯାତ୍ରା- ସଂସ୍କୃତି ମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରାକେ ଇ ବଛର୍ ଜାକ୍‌ଜମକ୍‌ଥି ପାଲନ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ସବୁ ପ୍ରକାର୍ ପଦକ୍ଷେପ୍ ନେଉଛନ୍ ବଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଭୁବ୍‌ନେଶ୍ୱର୍ ନ ସାମ୍ବାଦିକ୍ ସମ୍ମିଲନୀଥି ମନ୍ତ୍ରୀ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍ ଯେ, ଧନୁଯାତ୍ରା ଆୟୋଜନ୍ ଲାଗି ସଂସ୍କୃତି ବିଭାଗ୍ ତର୍‌ଫୁ ପ୍ରୋତ୍ସାହନ୍ ଟଙ୍କାକେ ୧୦ ଲାଖ୍‌ନୁ ୧ କୋଟିକେ ବଢ଼ାଯାଇଛେ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ପର୍ଯ୍ୟଟନ୍ ବିଭାଗ୍ ଭିଲ୍ ଅଏତ୍‌କା ୫୦ ଲାଖ୍ ଟଙ୍କା ଦେବା ।

ଧନୁଯାତ୍ରାଥି ପାଖାପାଖି ଶହେ ୬୦ ନୁ ଶହେ ୮୦ ଝନ୍ କଲାକାର୍ ଭାଗ୍ ନେସନ୍ ଆର୍ ସର୍କାର୍ଙ୍କର୍ ତର୍ଫୁ ସମ୍କୁ ୧୦ ହଜାର୍ ଟଙ୍କା ଲେଖା ଦିଆଯିବା ବଲି ମନ୍ତ୍ରୀ କହିଛନ୍ । ଇ ବଛର୍ ନେସ୍ନାଲ୍ ସ୍କୁଲ୍ ଅଫ୍ ଡ୍ରାମା ତର୍ଫୁ ଧନୁଯାତ୍ରାର୍ ପ୍ରାମାଣିକ୍ ବୃତ ଚିତ୍ର ଭିଲ୍ ପ୍ରସ୍ତୁତ୍ କରାଯିବା । ଧନୁଯାତ୍ରାକେ ୟୁନେସ୍କୋ ମାଏନ୍ତା ଲାଗି ଗୁଟେ ବିଶେଷଜ୍ଞ ଦଲ୍ ଗଠନ୍ କରାଯିବା । ଇ ବଛର୍ନୁ ସଂସ୍କୃତି ବିଭାଗ୍ ତର୍ଫୁ ଧନୁଯାତ୍ରା ଡଟ୍ କମ୍ ନାଁଥି ଗୁଟେ ଖାସ୍ ପୋର୍ଟାଲ୍ ଆର୍ ୱେବ୍ସାଇଟ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ ସୂଚ୍ନା ଦେଇଛନ୍ ।

ସିଂହଦୁଆର- ରୂପା ଛାଉଣୀ          ପୁରୀ ସମ୍ବାଦଦାତା

ଇଂରାଜୀ ନୂଆବଛର୍ ଆଘୋନୁ ପୁରୀ ଶ୍ରୀମନ୍ଦିର୍ ସିଂହଦୁଆର ଗୁମୁଟ ଠାନେ ରୂପା ଛାଉଣୀ କରାଯିବାର୍କେ ଲକ୍ଷ୍ୟ ରଖାଯାଇଛେ । ଇଥିର୍ଲାଗି ଲୁହା ଭାଡ଼ା ବନ୍ଧା ଯାଇକରି କାମ୍ ଜାରି ରହିଛେ । ପରିଚାଳନା କମିଟିର୍ ନିଷ୍ପତି ଅନ୍ସାରେ ରୂପା ଛାଉଣୀ ପ୍ରକ୍ରିୟା ମୁଲ୍ ହେଇଥିବାର୍ ବେଲେ ସିଂହଦୁଆର ଗୁମୁଟ ବନ୍ଦ୍ ଥିବାର୍ ସମିଆଥି ଇ କାମ୍ କରାଯାଉଛେ । ଇତାର୍ ଆଘୋନୁ ସିଂହଦୁଆର କବାଟର ରୂପା ଛାଉଣୀ ସହେତେ ସାତପାହାଚ, ଜୟବିଜୟ ଦ୍ୱାର, କଲାହାଟ ଦ୍ୱାର, ବେହେରଣ

ଦ୍ୱାର ଆର୍ ଭୋଗମଣ୍ଡପ ଦ୍ୱାରକେ ରୂପା ଛାଉଣୀ କରାଯାଇଛେ ।

ଦୁର୍ଘଟଣା ହି.ସ.

କୋରାପୁଟ୍ ଜିଲ୍ଲା ଗୁପ୍ତେଶ୍ୱର୍ ସୁକୁନାଳ ଯାତ୍ରୀବାହୀ ବସ୍ ଦୁର୍ଘଟଣା ଲାଗି ୩ ଝନ୍‌କର୍ ଜୀବନ୍ ଯିବାର୍ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଭୀର ଶୋକ ପ୍ରକାଶ୍ କରିଛନ୍ । ମୁଖ୍ୟମନ୍ତ୍ରୀ ମୃତକଙ୍କର୍ ପରିବାର୍‌କେ ୨ ଲାଖ୍ ଟଙ୍କାର୍ ଅନୁକମ୍ପା ମୂଲକ୍ ସହାୟତା ଟଙ୍କା ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ଗୁରୁତର୍ ଆହତଙ୍କର୍ ଚିକିତ୍ସା ବ୍ୟବସ୍ଥା ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଡକ୍‌ରୀ ଘାଟି ପାଶେ ଯାତ୍ରୀବାହୀ ବସ୍ ଉଲ୍‌ଟି ଯିବାର୍‌ନୁ ଦୁର୍ଘଟଣା ଜାଗା ନ ଡ୍ରାଇଭର୍‌ଙ୍କର୍ ସହେତେ ୩ ଝନ୍‌କର୍ ମୃତ୍ୟୁ ହେଇଥିଲା ଆର୍ ୩୫ ଝନ୍ ଜଖମ୍ ହେଇଥିଲେ । ସୂଚ୍‌ନା ପାଇକରି ବିଏସ୍‌ଏଫ୍ ଜବାନ୍ ଆର୍ ସ୍ଥାନୀୟ ଲୋକ୍‌ମାନେ ଆହତଙ୍କୁ ଉଦ୍ଧାର୍ କରିଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ/କଟକ୍

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ପ୍ରତିଯୋଗିତାର୍ ପୁରୁଷ ବର୍ଗଥି ଆଏଜ୍ ୨ ଟା ମେଚ୍ ଧାରିଜ୍ ଥିଲା । ବେଲ୍‌ବୁଡ଼ର୍ ୬ ବଜେ ହାଇଦ୍ରାବାଦ୍ ତୋଫାନ୍‌ସ୍ ଆର୍ ରାହ ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ମେଚ୍ ଜାରି ରହିଛେ । ରାତି ୮ ବାଜିକରି ୧୫ ମିନିଟ୍‌ଥି ତାମିଲ୍‌ନାଡୁ ଡ୍ରାଗନ୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ଖେଲ୍ ହେବା । ଇ ଦୁହିଟା ଯାକ ମେଚ୍ ରାଉର୍‌କେଲାର୍ ବିର୍ସାମୁଣ୍ଡା ଆନ୍ତର୍ଜାତିକ୍ ହକି ଷ୍ଟାଡ଼ିୟମ୍ ଠାନେ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍‌ଠାନୁ ମୁଲ୍ ହେଇଥିବା ଇ ପ୍ରତିଯୋଗିତାର୍ ଉଦ୍‌ଘାଟନୀ ମେଚ୍‌ଥି ଦିଲ୍ଲୀ ଏସ୍.ଜି. ପାଇପର୍ସ ୪/୨ ଗୋଲ୍‌ଥି ଗୋନାସିକା ଦଲ୍‌କେ ହରେଇଥିଲା ।

ଫକୀର ପଟ୍ଟନାୟକ୍ ଶ୍ରଦ୍ଧାଞ୍ଜଳି        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସମ୍ବଲ୍‌ପୁରୀ ଗୀତର୍ ପ୍ରଖ୍ୟାତ୍ ଶିଳ୍ପୀ ଫକୀର ପଟ୍ଟନାୟକଙ୍କର୍ ସ୍ମୃତି ଉଦ୍ଦେଶ୍‌ଥି ସୁବର୍ଣ୍ଣପୁର୍ ଭୀମଭୋଇ କଳା ପରିଷଦ୍ ତର୍‌ଫୁ ସୋନ୍‌ପୁର୍ ଠାନେ ଗୁଟେ ସାଂସ୍କୃତିକ୍ ସମାରୋହ ହେଇଯାଇଛେ । ଇ ଅବ୍‌ସରେ ହାଇକୋର୍ଟର ଆଘର୍ ବିଚାର୍‌ପତି ଚିତରଞ୍ଜନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ପଶ୍ଚିମ ଓଡ଼ିଶାର୍ ଲୋକଗୀତକେ ଦେଶ୍‌ବିଦେଶ୍‌ଥି ପରିଚିତ କରେଇଥିବା ସଂଗୀତଜ୍ଞ ଫକୀର ପଟ୍ଟନାୟକଙ୍କୁ ଜଷ୍ଟିସ୍ ଦାସ ଶ୍ରଦ୍ଧାଞ୍ଜଳି

ଜନେଇଥିଲେ । ଇ ଅବ୍‌ସରେ ସୁବର୍ଣ୍ଣପୁର୍ ମାଟିକେ ଭିନ୍ ଭିନ୍ କ୍ଷେତ୍ରଥି ପ୍ରତିଷ୍ଠା ଦେଇଥିବା ୩୦ ଝନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।